## ସଂକ୍ଷେପରେ

### ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ମାଲକାନଗିରି, ୨୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକର ଏମ୍‌ଭି ୧୫ ଗ୍ରାମରେ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କୈଳାସ ଚୌଧୁରୀଙ୍କ ସହ ମାଲକାନଗିରି ସଦର ବ୍ଲକର ଏମ୍‌ପିଭି ୧ ଗ୍ରାମର କାକଲି ମଣ୍ଡଳ ବିବାହ କରିଥିଲେ। ୨୦୦୬ରେ ବିବାହ ପରଠାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ଚରିତ୍ରକୁ ସନ୍ଦେହ କରି କୈଳାସ ବାରମ୍ବାର କାକଲିଙ୍କୁ ମାଡ ମାରୁଥିଲେ। ଏହି ଘଟଣାକୁ ନେଇ ଶନିବାର ସ୍ୱାମୀ କୈଳାସଙ୍କ ଟାଙ୍ଗିଆ ଚୋଟରେ କାକଲି ଗୁରୁତର ହୋଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମାଲକାନଗିରି ଆଦର୍ଶ ଥାନା ପୋଲିସ କୈଳାସଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

### ନୂଆ ଓଡ଼ିଶାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ମାଲକାନଗିରି, ୨୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ମହାବିଦ୍ୟାଳୟରେ ନୂତନ ଉନ୍ନତ ଅଭିଳାଷ ଓଡିଶା, ନୂଆ ଓଡ଼ିଶା ତରଫରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡ଼କାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମ୍ୟୁନିସପାଲିଟି ଉପାଧ୍ୟକ୍ଷ କବିତା ମାହ୍ନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଧନେଶ୍ୱର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗା ଦେଇଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅଧିକରୁ ଅଧିକ ରକ୍ତଦାନ କରିବାକୁ ପରାମର୍ଶ ଦେଇଥିଲେ । ଜିଲା ଯୁବ ରେଡ଼କ୍ରସ୍ ଆବାହକ ତଥା ସମ୍ପାଦକ ଡ଼ା ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀଙ୍କ ସମେତ ଅନ୍ୟାନ୍ୟ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ । ଏ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ ଛାତ୍ର ବସନ୍ତ ନାୟକ, ଶିବ ଶଙ୍କର ପାଣିଗ୍ରାହୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମିୟ କୁମାର ମହାନ୍ତି, ସୁଶାନ୍ତ ମାଝି ଓ ପ୍ରେମରେଖା ଭତ୍ରା ପରିଚାଳନା କରିଥିଲେ। ଅଧ୍ୟାପିକା ଏବଂ ଅଧ୍ୟାପକମାନେ ମଧ୍ୟ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାରର ଟେକ୍ନିସିଆନ ସୁଜଳ ରାୟ, ଷ୍ଟାଫ ନର୍ସ ଏନ. ସୁବର୍ଣ୍ଣା ଏବଂ ମୋହନ ଖେମୁଣ୍ଡୁ ସହଯୋଗ କରିଥିଲେ । ଉମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଗ୍ନିଶମ ବିଭାଗର ମକ୍ ଡ୍ରିଲ୍

ଗୁଣପୁର, ୨୫।୧୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବାଲାଜୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲଜି ଆଣ୍ଡ ସାଇନ୍ସ କଲେଜରେ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ମକ୍ ଡ୍ରିଲ୍ ପ୍ରଦର୍ଶନୀ କରାଯାଇଥିଲା । ଅଗ୍ନିଜନିତ ଦୁର୍ଘଟଣା ସମୟରେ କିପରି ଏହାର ମୁକାବିଲା କରିବେ, ରକ୍ଷା ପାଇବା ଆଦି ବିଷୟରେ କୌଶଳ ପ୍ରଦର୍ଶନ କରିବା ସହ ସଚେତନତା ସୃଷ୍ଟି କରିଥିଲେ । ଅନୁଷ୍ଠାନ ପରିଚାଳନା କମିଟିର କର୍ମକର୍ତ୍ତା, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସହିତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମହିଳାମାନେ ଅତ୍ୟାଚାର ବିରୋଧରେ ମୁହଁ ଖୋଲିବା ଜରୁରୀ

ନବରଙ୍ଗପୁର, ୨୫।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରଶାସନ ଓ ଆଇଏସ୍‌ଆରଡି ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ଅନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ନିରାକରଣ ପକ୍ଷ ଅବସରରେ ଏକ ସଚେତନତା ରଥକୁ ନବରଙ୍ଗପୁର ଜିଲାପାଳ କମଲଲୋଚନ ମିଶ୍ର ଶୁଭାରମ୍ଭ କରିଛନ୍ତି। ମହିଳାଙ୍କ ଉପରେ ହେଉଥିବା ହିଂସା ପ୍ରତି ସତର୍କ ହୋଇ ରହିବା ସହ ପ୍ରତ୍ୟେକ ବ୍ୟକ୍ତି ଏହାକୁ ପ୍ରତିରୋଧ କରିବା ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ନୈତିକ ମୂଲ୍ୟବୋଧ ଜ୍ଞାନ ପ୍ରତ୍ୟେକ ପରିବାରରୁ ସୃଷ୍ଟି ହେଲେ ମହିଳା ଓ ବାଳିକାଙ୍କ ପ୍ରତି ହେଉଥିବା ହିଂସା ଦୂର ହୋଇପାରିବ ବୋଲି ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା କହିଛନ୍ତି। ମହିଳାମାନେ ନିଜ ବିରୋଧରେ ହେଉଥିବା ଅତ୍ୟାଚାର ପ୍ରତି ମୁହଁ ଖୋଲିବା ଦରକାର ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ ଶିବାନୀ ଗୁହା, ମହିଳା ସୁରକ୍ଷା ଅଧିକାରୀ ପ୍ରେମଞ୍ଜଳିପତି, ନିର୍ଦ୍ଦେଶକ ସୁଧୀର ସାବତ,ଆକ୍ସନଏଡ୍‌ର ଫକିର ଚରଣ ରାଉତ, ସାଇ ଇଣ୍ଟରନ୍ୟାଶନାଲ ଅଧ୍ୟକ୍ଷ ମାନସ ନାୟକ ପ୍ରମୁଖ ମତ ଦେଇଛନ୍ତି।


ଜିଲାପାଳ ଓ ଅତିଥିମାନେ ସଚେତନତତା ରଥର ଶୁଭାରମ୍ଭ କରୁଛନ୍ତି।

ଅନ୍ୟ ଅତିଥିଙ୍କ ମଧ୍ୟରେ ପାପଡ଼ାହାଣ୍ଡି ସିଡିପିଓ ଏସ୍. ଗୀତା, ତେନ୍ତୁଲିଖୁଣ୍ଟି ସିଡିପିଓ ବିନୀତା ସେଠୀ ଓ ସୁପରଭାଇଜର ରେଖା ତ୍ରିପାଠୀ, କାଉନସିଲର ଶର୍ମିଷ୍ଠା ଦେଓ ପ୍ରମୁଖ ଯୋଗ ଦେଇଥିଲେ। ମା ଓ ମାଟିକୁ ସମ୍ମାନ ଦେବାପାଇଁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ କିଶୋରୀ ପଟ୍ଟନାୟକ, ଜ୍ୟୋତିର୍ମୟୀ ମହାନ୍ତି, ସୌଦାମିନୀ ବଇପାରି, ଡିସେମ୍ବର ହରିଜନ, ତପନ ହରିଜନ ପ୍ରମୁଖ ପରିଚାଳନା କରିଥିଲେ। ଉପନିର୍ଦ୍ଦେଶକ ପ୍ରଭାତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସହରର ବୁଦ୍ଧିଜୀବୀ, ମହିଳା ମଣ୍ଡଳ କର୍ମକର୍ତ୍ତା, ସାଇ ଇଣ୍ଟରନ୍ୟାଶନାଲର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ନୂତନ ଜ୍ଞାନକୌଶଳ ବ୍ୟବହାରକରି ଲାଭବାନ୍ ହୁଅ

## ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ନବରଙ୍ଗପୁର, ୨୫।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଜିଲାର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୨୫ରୁ ଅଧିକ ଷ୍ଟଲରେ ଅନେକ ଯୋଜନା ଓ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାର ପ୍ରଥମ ଦିନରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଚାଷୀଙ୍କୁ ନୂତନ ଜ୍ଞାନ କୌଶଳ ଗ୍ରହଣ କରିବା ଏବଂ ଏହାର ଉଚିତ ଉପଯୋଗକରି ଲାଭବାନ୍ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସିଫା ବୈଜ୍ଞାନିକ ଡ.ନାଗେଶ କୁମାର ବାରିକ, ଡ. ପ୍ରତାପ ରାଉତରାୟ, ଉମରକୋଟ କେବିକେ ପ୍ରକଳ୍ପ ସଂଯୋଜକ ଡ. ଶଶାଙ୍କ ଲେଙ୍କା, ମତ୍ସ୍ୟ ଉପନିର୍ଦ୍ଦେଶକ ସନ୍ତୋଷ ଦଲାଲ, ପୂର୍ବତନ ଜିଲା ମତ୍ସ୍ୟାଧିକାରୀ ଜି. ଜଗଦୀଶ ରାଓ ଜିଲା ମୁଖ୍ୟ କୃଷି ଅଧିକାରୀ ଭେଙ୍କଟ ରେଡ୍ଡୀ, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ରାଧେଶ୍ୟାମ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରାଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି ମେଳାରେ ଯୋଗଦେଇ ଷ୍ଟଲ ପ୍ରଦର୍ଶନ କରିଥିଲେ। ଏହି ଅବସରରେ କୋଷାଗୁମୁଡ଼ା ବ୍ଲକର ମାଛ ଖାଦ୍ୟ ଉତ୍ପାଦନ କରିଥିବା ସଫଳ ଉଦ୍ୟୋଗୀ ଗଣେଶ , ମତ୍ସ୍ୟ ପୋଖରୀ ଯୋଜନା ଅଧୀନରେ ମାଛଚାଷ କରିଥିବା ତେନ୍ତୁଲିଖୁଣ୍ଟି ବ୍ଲକର ନରହରି ନାୟକ, ପଞ୍ଚାୟତ ପୋଖରୀରେ ମାଛଚାଷ କରୁଥିବା ଜଳନ୍ତି ମାଳା ଏସ୍‌ଏଚ୍‌ଜି, ଗୋପାଳନ କରୁଥିବା ନବରଙ୍ଗପୁର ବ୍ଲକର ଇରଫାନ ଖାନ, ଛେଳି ପାଳନ କରୁଥିବା କୋଷାଗୁମୁଡ଼ା ବ୍ଲକର ମହିଳା ମଣ୍ଡଳ ଏସ୍‌ଏଚ୍‌ଜି, ୨୨ହଜାର ବ୍ରଏଲର ଫାର୍ମିଂ କରୁଥିବା ଝରିଗାଁ ବ୍ଲକର ମାନସ ରଞ୍ଜନ ପଟ୍ଟନାୟକ, ଜୈବପୁଞ୍ଜି ପଦ୍ଧତିରେ ମାଛଚାଷ କରୁଥିବା ଝରିଗାଁ ବ୍ଲକର ବିଭାସ ବଛାର, ଲେୟାର ଫାର୍ମିଂ ପଦ୍ଧତିର କୁକୁଡା ଚାଷ କରୁଥିବା ମହମ୍ମଦ ଇଜାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ରାଧେଶ୍ୟାମ ନାୟକ ଉପସ୍ଥିତ ଥିଲେ। ଜିଲା କଳା ସାଂସ୍କୃତିକ ସଂଘର କଳାକାରମାନେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ବିଭିନ୍ନ ଯୋଜନା ବିଷୟରେ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି। ଜିଲା ମତ୍ସ୍ୟାଧିକାରୀ ରଞ୍ଜିତା ବେହେରା ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଚନ୍ଦାହାଣ୍ଡି, ୨୫।୧୧ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭେଣ୍ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଇଓ ଶୁଭେନ କୁମାର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ମାଲଗାଁ ସରପଞ୍ଚ ଅଜିତ ପୋଟା, ସମିତି ସଭ୍ୟା କ୍ଷୀରଦେଇ ଚଣ୍ଡୀ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୧୩ଟି ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଶରତ ସାହୁ ଓ ସତ୍ୟନାରାୟଣ ନିଶଙ୍କ ବିଚାରକ ଦାୟିତ୍ୱ ତୁଲାଇଥିଲେ।

ଭେଣ୍ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ନରେଶ ପୂଜାରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପୂଜାରୀଗୁଡ଼ାର ନବମ ଶ୍ରେଣୀ ଛାତ୍ର ମୁକେଶ ପାତ୍ର, କାଶୀପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ବନିତା ଗୋପାଳ, ଧୋଡ଼ିପାଣି ଏସ୍‌ଏସ୍‌ଡି ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ପ୍ରତିଭା ସାହୁ ଓ ସିନାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ମୁକେଶ ନାୟକଙ୍କ


ମୁଖ୍ୟ ଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟବକ୍ତା, ଓଠା ଜଳସେଚନ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଦ୍ୟାଧର ଗୌଡ଼, ଏବିଇଓ ନୀଳକଣ୍ଠ ଦାଶ, ବିଜୟାନନ୍ଦ ସୋରୀ, ପ୍ରେମଚାନ୍ଦ ସିଂ ଧ୍ରୁଆ, ନିରଞ୍ଜନ ଚକ୍ରବର୍ତ୍ତୀ, ଦୁଲାଲ ବାରୋଇ, ନୀଳାମ୍ବର ପଟେଇ, ବାବୁଧର ସାହୁ, ହୃଷୀକେଶ ସାହୁ, ପଦ୍ମଲୋଚନ ସାହୁ, ପ୍ରଦୀପ ପାଢ଼ୀ, ଅମିତ ଖମାରି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଜଗଦୀଶ ଗୌଡ଼ ସ୍ୱାଗତ ଭାଷଣ ଓ ମନୋହର ଜଗତ ମଞ୍ଚ ପରିଚାଳନା କରିଥିଲେ। ଜିଲା ସ୍ତରକୁ ମନୋନୀତ ହୋଇଥିବା ସମସ୍ତ ଛାତ୍ରୀଛାତ୍ର ଓ କନିଷ୍ଠ ବର୍ଗରୁ ପ୍ରଥମ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଆର୍‌ସିସି କୁମୁଦ ବାଘ, ଡିଙ୍ଗର ସିଂ ଜଗତ, ରବୀନ୍ଦ୍ର ନାୟକ, ରୁଦ୍ରସେନ ନାୟକ, ଅନ୍ତରାମ ଗୌଡ଼, ନରହରି ପୋଟା, ଚୈତନ୍ୟ ମାଝି, ସୌରୀ ରଞ୍ଜନ ସାହୁ, ଅଶୋକ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୨ରେ ବ୍ଲକ କାର୍ଯ୍ୟାଳୟ ଘେରିବ ଭାଜପା

ତେନ୍ତୁଲିଖୁଣ୍ଟି, ୨୫।୧୧ (ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମାରେ ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟ ଗୌରୀ ମାଝିଙ୍କ ନେତୃତ୍ୱରେ ଏକ ବୈଠକ କରାଯାଇଛି। ୨ ତାରିଖରେ ତେନ୍ତୁଲିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଭାରତ ବିକାଶ ସଂକଳ୍ପ ଯାତ୍ରା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। କୁକୁଡ଼ାବାଇ ପଞ୍ଚାୟତର ବିଜରାଗୁଡ଼ା ଗ୍ରାମର ଗୋବିନ୍ଦ ଜାନୀ, ନାରାୟଣ ବାଘ, ମୁରଲୀ ପାତ୍ର ଓ ବାବୁଲା ପାଇକ ଭାଜପାରେ ମିଶିଥିଲେ। ଅଞ୍ଚଳଗୁମ୍ମା ମଣ୍ଡଳ ସଭାପତି ନନ୍ଦ ନନ୍ଦନ ବିଷୋୟୀ, ଅଭିମନ୍ୟୁ ହରିଜନ, ଅକ୍ଷୟ ମହାନ୍ତି, ତେନ୍ତୁଲିଖୁଣ୍ଟି ମଣ୍ଡଳ ଯୁବ ମୋର୍ଚ୍ଚା



ସଭାପତି ଆଶିଷ ଟାକ୍ରି, ପ୍ରଶାନ୍ତ ନାୟକ, ଲୋକନାଥ ବିଷୋୟୀ ଓ ନୀଳକଣ୍ଠ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାଠାରୁ ଦୂରେଇ ରୁହନ୍ତୁ ଛାତ୍ରୀଛାତ୍ର


ନିଶା ନିବାରଣ ଦିଗରେ ଛାତ୍ରମାନେ ସଚେତନ କରୁଛନ୍ତି।

ଉମରକୋଟ, ୨୫।୧୧ (ସନ୍ତୋଷ ଶତପଥୀ)

ଉମରକୋଟ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ପକ୍ଷରୁ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ଏବଂ ବଡ଼ ଭରଣ୍ଡି ହାଇସ୍କୁଲରେ ଏକ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷ ତାଲିମ କେନ୍ଦ୍ର ଅଧ୍ୟକ୍ଷ ଦୀପିକା ସରକାର ଓ ଟ୍ରେନିଂ ଅଫିସର ପି.କେ. ବର୍ମନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଛାତ୍ରୀଛାତ୍ର ଏକ ନାଟକ ପରିବେଷଣ କରିଥିଲେ। ନିଶା କବଳରେ ପଡ଼ି ଯୁବପିଢି କିପରି ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ଯାଉଛନ୍ତି ତାହା ଉପରେ ବାର୍ତ୍ତା ଦିଆଯାଇଥିଲା। ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସରକାରୀ ଶିକ୍ଷ ତାଲିମ କେନ୍ଦ୍ରର ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦୀପ୍ତିମୟୀ ସିନହାରୀ ଓ ପ୍ରଦୋଷ ମହାପାତ୍ର ପରିଚାଳନା କରିଥିଲେ। ଶିକ୍ଷ ତାଲିମ ପ୍ରତିଷ୍ଠାନର ସଞ୍ଜୟ କୁମାର ପରିଡ଼ା, ନୀଳକଣ୍ଠ ମିଶ୍ର, ଏସ୍. ମୁର୍ମୁ , ଏ.କେ. ନାୟକ, ସଞ୍ଜୁକ୍ତା ଡାକୁଆ ଓ ବାଲାଜୀ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବାଦଲ ଫଟା ବର୍ଷାରେ ଭିଜିଲା ଧାନ


ଧାନ କିଆରିରେ ଜମାହୋଇ ରହିଥିବା ବର୍ଷାପାଣି ।

ବାଲିମେଳା, ୨୫।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ପ୍ରଭାବରେ ଶୁକ୍ରବାର ବାଦଲଫଟା ବର୍ଷା ଯୋଗୁ ଅମଳ ହେବାକୁ ଥିବା ଧାନ ଜମିରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଅଦିନିଆ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାରୁ ଧାନ ଫସଲ ନଷ୍ଟ ହୋଇଛି। ଏଥିସହ ବାଲିମେଳାରେ ନିର୍ମାଣାଧୀନ ଥିବା ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନେ ଆଶ୍ରୟ ନିମନ୍ତେ ନିର୍ମାଣ କରିଥିବା ଗୃହରେ ବର୍ଷାଜଳ ପଶିଯିବାରୁ ବହୁ ଲୋକ ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ଏହା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବାରୁ ଦୀର୍ଘ ସମୟ ଧରି ଲୋକେ ହନ୍ତସନ୍ତ ହୋଇଥିଲେ। ସେହିପରି ନୀଳାକାମ୍ବେରୁ, ତାରଲାକୋଟା, ଚିତାପାରି ଓ ପୋଟରେଲ ଆଦି ପଞ୍ଚାୟତ ଜମିରେ ହୋଇଥିବା ଚାଷ ପରେ ଫସଲ ବିଲରେ କାଟି ଶୁଖାଉଥିଲେ। ଅନ୍ୟ କେତେଜଣ ଚାଷୀ ଅମଳ ଧାନ ଖଳାରେ ଶୁଖାଉଥିଲେ। ଅମଳ ଧାନ ଜମିରେ ଆଣ୍ଠୁଏ ଲେଖାଏ ବର୍ଷା ପାଣି ଠିଆ ହୋଇଥିବା ଦେଖିବାକୁ ମିଳିଛି।

# ବଳଦିଆଗୁଡ଼ାରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ

ମାଥିଲି, ୨୫।୧୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ବଳଦିଆଗୁଡା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସରୋଜିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ଲାଉଡ଼ିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡ଼ା



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ପ୍ରତିଯୋଗିତା, ସାମାଜିକ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଡ୍‌ମିଣ୍ଟନ, କ୍ରିକେଟ୍, ଖୋ ଖୋ, କବାଡ଼ି ଓ ଫଟ୍‌ବଲ ଆଦି ବିଭିନ୍ନ ଖେଳରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ

ମାଲକାନଗିରି, ୨୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିଜିଲାରେ ଶନିବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଜିଲା ସେବା କେନ୍ଦ୍ର ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ସବ୍‌ଜୋନାଲ ନିର୍ଦ୍ଦେଶିକା ନବରଙ୍ଗପୁରର ରାଜଯୋଗିନୀ ବ୍ରହ୍ମାକୁମାରୀ ନୀଲମ ଦିଦିଜି, ଭୁବନେଶ୍ୱର ସବ୍‌ଜୋନାଲ ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ଲୀନା ଦିଦିଜି ଓ କେନ୍ଦ୍ର ସଞ୍ଚାଳିକା ଭୁବନେଶ୍ୱରର ରାଜ ଯୋଗିନୀ ବ୍ରହ୍ମାକୁମାରୀ ଦୁର୍ଗେଶ ଦିଦିଜିଙ୍କ ସହ ମାଲକାନଗିରି ସେବା କେନ୍ଦ୍ର ପରିଚାଳିକା ଉପସ୍ଥିତ ଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଜିଲା ସେବା କେନ୍ଦ୍ର ପକ୍ଷରୁ ଏକ ବିରାଟ ଆଧ୍ୟାତ୍ମିକ ସମାବେଶ ଆୟୋଜନ କରାଯାଉଥିବା ନେଇ ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଚଳିତ ମାସ ୨୬ ତାରିଖରେ ଏହି କାର୍ଯ୍ୟକ୍ରମ ଜିଲା ସଦରରେ ଥିବା ଡିଏନ୍‌କେ ଖେଳ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ଅଧିକରୁ ଅଧିକ ଲୋକେ ଯୋଗଦେଇ ଚିନ୍ତା ମୁକ୍ତ ଜୀବନ ବ୍ୟତୀତ କରିବାକୁ ବ୍ରହ୍ମାକୁମାରୀମାନେ ଆହ୍ୱାନ ଦେଇଥିଲେ।


ଖବରଦାତା ସମ୍ମିଳନୀରେ ବ୍ରହ୍ମା କୁମାରୀମାନେ ।

# ମାଲ୍ୟବନ୍ତ ମହୋତ୍ସବ ପୋଷ୍ଟର, ସଙ୍ଗୀତ ଉନ୍ମୋଚିତ

ମାଲକାନଗିରି, ୨୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ-୨୦୨୩ ଡିସେମ୍ବର ୧୫ରୁ୧୭ ଓ ପଲ୍ଲିଶ୍ରୀ ମେଳା ୧୫ ରୁ ୧୯ ପର୍ଯ୍ୟନ୍ତ କ୍ରୀଡ଼ା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ନଭେମ୍ବର ୨୮ ରେ ପଦ୍ମଗିରିସ୍ଥିତ ଜଦୁଗୁଡ଼ା ଶୈବପୀଠରୁ ଉତ୍ସବ ଶୁଭାରମ୍ଭ ହେବ। ମାଲ୍ୟବନ୍ତ ମହୋତ୍ସବ-୨୦୨୩ର ପୋଷ୍ଟର ଓ ସଙ୍ଗୀତ ସ୍ଥାନୀୟ ସଂସ୍କୃତି ଭବନଠାରେ ଉନ୍ମୋଚିତ ହୋଇଯାଇଛି। ଜିଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ବିଶାଲ ସିଂ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବନଖଣ୍ଡ ଅଧିକାରୀ ପ୍ରତାପ କଟାପଲ୍ଲୀ, ଜିଲା ପରିଷଦ ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ରଥ ଓ ଉପଜିଲାପାଳ ତଥା ମାଲ୍ୟବନ୍ତ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ମାଲ୍ୟମନ୍ତ ମହୋତ୍ସବ ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

ମହୋତ୍ସବ ସଂସ୍କୃତି କମିଟି ଅଧ୍ୟକ୍ଷ ଅକ୍ଷୟ ଖେମୁଣ୍ଡୁଙ୍କ ଉପସ୍ଥିତିରେ ଏହା ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଚଳିତ ବର୍ଷର ମାଲ୍ୟବନ୍ତ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଲୋକ କଳା, ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇରଖିବା ସହ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବା ପାଇଁ ପ୍ରୟାସ କରାଯାଉଛି ବୋଲି ଜିଲାପାଳ କହିଥିଲେ। ସେହିପରି ଜିଲା ପ୍ରଶାସନର ପ୍ରଚେଷ୍ଟା ପାଇଁ ବିଧାୟକ ବାକା ପ୍ରଶଂସା କରିଥିଲେ।

ସୂଚନାଯୋଗ୍ୟ, ଚଳିତ ଥର ମଧ୍ୟ ରାଜ୍ୟ ବାହାରୁ, ବିଭିନ୍ନ ଜିଲାରୁ ପ୍ରସିଦ୍ଧ କଳାକାରଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ଅବସରରେ ଉପଜିଲାପାଳ ଡ. ଖେମୁଣ୍ଡୁ ଲୋକକଳା ସଂସ୍କୃତିକୁ ସର୍ବୋଚ୍ଚ ଶିଖରରେ ପହଞ୍ଚାଇବା ପାଇଁ ଆମେ ପ୍ରୟାସ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପରିଚାଳନା କରିଥିବା ବେଳେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ମନସୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଶଶାଙ୍କ ଶେଖର ମିଶ୍ର, ରଞ୍ଜନ ମହାନ୍ତି ଓ ବିନାଶ ମିଶ୍ର ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲାସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟକ୍ଷ ଛାତ୍ରୀଛାତ୍ର ଓ କଳାକାରମାନେ ଉପସ୍ଥିତ ଥିଲେ।

# ପରବ ମାଧ୍ୟମରେ ଜିଲ୍ଲାର ସାମଗ୍ରିକ ବିକାଶ ଘଟୁଛି : ମନ୍ତ୍ରୀ

**କୋରାପୁଟ ଲୋକ ମହୋତ୍ସବ ଉଦ୍‌ଘାଟିତ**

କୋରାପୁଟ,୨୫।୧୧(ଅମିତାଭ ବେହେରା)

କୋରାପୁଟର ୨୬ତମ ଜାତୀୟ ଆଦିବାସୀ ଲୋକ ମହୋତ୍ସବ ପରବ ଶନିବାର ଉଦଘାଟିତ ହୋଇଛି । ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ସପ୍ତଗିରି ଉଲାକା, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରିତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନଙ୍କ ସମେତ ଜିଲାପାଳ ଓ ଏସ୍‌ପି ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସାରକା ମଶାଲ ପ୍ରଜ୍ୱଳନ କରିବା ସହିତ ପରବ ପତାକା ସ୍ଥାପନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ପରବ ମାଧ୍ୟମରେ ଜିଲାର ସାମଗ୍ରିକ ବିକାଶ ଘଟିପାରୁଛି। ଫଳରେ ଜିଲାର ଆଦିବାସୀ ସଂସ୍କୃତି ଓ ପରମ୍ପରା ସୁଦୂର ପ୍ରସାରି ହୋଇପାରିଛି। ତତସହିତ ଜିଲାର ବିଭିନ୍ନ ପ୍ରତିଭା ଲୋକଲୋଚନକୁ ଆସିପାରୁଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଲଇଚନ ମାଝୀ, ଅଚ୍ୟୁତ କମରା, ଲବ ହରିଜନ, ବୁଲୁ ମିସ୍ତ୍ରୀ, ବାସ୍ନା ଗେମେଲ ଓ ଜିତେଶ ରଞ୍ଜନ ସାହୁଙ୍କୁ ପରବ ସମ୍ମାନରେ ସମ୍ମାନିତ କରାଯାଇଥିଲା।


ଅତିଥିମାନେ ଅଚ୍ୟୁତ କମରାଙ୍କୁ ସମ୍ମାନିତ କରୁଛନ୍ତି ।

ପରବ ଉତ୍ସବ ଆରମ୍ଭରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସଂଗୀତ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । କୋରାପୁଟ ପରବ ଆଗରୁ ଡଙ୍ଗର ଭାବେ ପରିଚିତ ଥିଲା । ତାହା କାଳକ୍ରମେ ପରବ ଭାବେ ନାମିତ କରାଗଲା । ପରବ ଦୀର୍ଘ ୨୬ବର୍ଷ ଧରି ଏହା ଆୟୋଜିତ ହୋଇଆସୁଥିବା ଅତିଥିମାନେ ମତପ୍ରକାଶ କରିଥିଲେ ।ଅତିଥିମାନେ ତାଙ୍କ ବକ୍ତବ୍ୟ କହିଥିଲେ ଯେ, କୋରାପୁଟ ହେଉଛି କଳାର ଗନ୍ତାଘର। ଏଠାକାର ପାରମ୍ପରିକ ପରମ୍ପରା, ଲୋକ କଳା, ଖାଦ୍ୟପେୟ, ଚାଲିଚଳନ ଅନ୍ୟ ଅଞ୍ଚଳଠାରୁ ସମ୍ପୂର୍ଣ୍ଣ ଭିନ୍ନ । କୋରାପୁଟ ଜିଲ୍ଲାର ପାରମ୍ପରିକ ନୃତ୍ୟ, ବେଶଭୁଷା, ଚାଲିଚଳନ ଆଜି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ପରବ ମାଧ୍ୟମରେ ଜିଲ୍ଲାରେ ହଜି ଯାଉଥିବା ସଂସ୍କୃତି, ପାରମ୍ପରିକ ପରମ୍ପରା ଲୋକ ଲୋଚନକୁ ଆସିପାରୁଛି । ଏହି ପରବ ମଞ୍ଚରୁ ଅନେକ କଳାକାର ସମ୍ମାନିତ ହୋଇ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ କୋରାପୁଟ ଜିଲ୍ଲାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି । କୋରାପୁଟ ଜିଲ୍ଲା ପ୍ରାକୃତିକ ସମ୍ପଦରେ ଭରପୁର ଥିବାବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶକୁ ନେଇ କୋରାପୁଟ ଆଜି ଅନ୍ତର୍ଜାତୀୟ ସ୍ତରରେ ନିଜର ନିଆରା ପରିଚୟ ସୃଷ୍ଟି କରିଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଶେଷରେ ରାଜ୍ୟ ଏବଂ ଜାତୀୟସ୍ତରୀୟ ବିଭିନ୍ନ ଆଦିବାସୀ କଳାକାରଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ

ଜୟପୁର, ୨୫।୧୧(ପବନ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜୟପୁର ଦ୍ୱାରା ଜୟପୁର ବ୍ଲକ ରାଣିଗଡ଼ରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଠାରେ ଚାଷୀମାନଙ୍କୁ କୃଷି, ଉଦ୍ୟାନ କୃଷି ଭିତ୍ତିକ ବିହନ, ଜୈବିକ ସାର ଓ ଜୈବିକ କୀଟନାଶକ ଔଷଧ ପ୍ରଦାନ କରାଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ପ୍ରକଳ୍ପ ପରିଚାଳକ ଦେବଶିଷ ପଟ୍ଟନାୟକ, ବିଷୟବସ୍ତୁ ବିଶେଷଜ୍ଞ କେଶବ ଚନ୍ଦ୍ର ଦାସ, ବ୍ଲକ ଜୀବନ ଜୀବିକା ବିଶେଷଜ୍ଞ ଅବୟନ୍ତି ସାହୁ, ପ୍ରକାଶ ପ୍ରଧାନ, ଆଶିଷ ମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥି ଥିଲେ। ୨୦୧ ଜଣ ଚାଷୀଙ୍କୁ ମକା ଓ ଟମାଟ ବିହନ ପ୍ରଦାନ କରାଯାଇଥିଲା।

## ମୁନା ବେନ୍ୟା ସଭାପତି, ହରି ଟାକ୍ରି ସମ୍ପାଦକ


ନବନିର୍ବାଚିତ ସଭ୍ୟ ଓ ଅନ୍ୟମାନେ।

**ନବରଙ୍ଗପୁର ଅଟୋ ସଂଘ ପୁନର୍ଗଠିତ**

ନବରଙ୍ଗପୁର,୨୫।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଅଟୋ ସଂଘ ନିର୍ବାଚନ ସ୍ଥାନୀୟ ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ନବରଙ୍ଗପୁର ବରିଷ୍ଠ ଆଇନଜୀବୀ ସୁବୋଧ ଚନ୍ଦ୍ର ବେନ୍ୟା (ମୁନା)ଙ୍କୁ ସଂଘ ସଭାପତି ଭାବେ ନିର୍ବାଚିତ କରାଯାଇଛି। ରବୀନ୍ଦ୍ର ଖଣ୍ଡୁଆଳ ଉପସଭାପତି, ସୁମନ୍ତ ସୁନା ସହ ଉପସଭାପତି, ହରି ଟାକ୍ରି ସମ୍ପାଦକ, ସଞ୍ଜୟ ସାହୁ ସହ ସମ୍ପାଦକ ଓ କୋଷାଧ୍ୟକ୍ଷଭାବେ ଜଗନ୍ନାଥ ଜାନୀଙ୍କୁ ନିର୍ବାଚିତ କରାଯାଇଛି। ନିର୍ବାଚିତ ସଦସ୍ୟମାନେ ସଂଘ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି। ସଂଘ ସଦସ୍ୟଙ୍କ ସମସ୍ତ ସମସ୍ୟା ଓ ଅସୁବିଧାକୁ ଦୃଷ୍ଟିରେ ରଖି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦୁଇ ବର୍ଷ ପାଇଁ ପୁନର୍ଗଠିତ ଏହି ସଂଘ ନବରଙ୍ଗପୁରର ଅଟୋ ମାଲିକ ଓ ଅଟୋ ଚାଳକଙ୍କ ହିତ ଓ କଲ୍ୟାଣ ପାଇଁ କାର୍ଯ୍ୟ କରିବ ବୋଲି ସେମାନେ କହିଛନ୍ତି।

## ମୁଳାସରରେ ଅଷ୍ଟ ପ୍ରହରୀ

ଜୟପୁର, ୨୫।୧୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅଧୀନ ମୁଳାଶରରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଛି । ମୁଳାଶରରେ ଥିବା ତ୍ରିନାଥ ମନ୍ଦିର ପରିସରରେ ଏହି ଅଷ୍ଟପ୍ରହରୀ କରାଯାଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଶନିବାର ସେଥିରେ ସାମିଲ ହୋଇଥିଲେ । ରାଷ୍ଟ୍ରମଙ୍ଗଳ ପାଇଁ ପୂଜା ପାଠ କରିବା ସହ ସଂକୀର୍ତ୍ତନ ମଣ୍ଡିଳି ସହ ଗିନି ବଜାଇ ସ ଥିଲେ। ହରେ କୃଷ୍ଣ ମହାମନ୍ତ୍ର ଧ୍ୱନିରେ ଗ୍ରାମ ଉତ୍ସବ ମୁଖର ହୋଇ ଉଠିଥିଲା।

## ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ ଉଦ୍‌ଘାଟିତ

ଦାମନଯୋଡି,୨୫।୧୧ (ନରସିଂହ ବ୍ରହ୍ମା)

କୋରାପୁଟ ବ୍ଲକରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳିତ ହେଉଛି। ଏହି ଅବସରରେ ଶନିବାର ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଚେତନତା ରଥକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ବିଭିନ୍ନ ଗାଁ ବୁଲି ମାଇକ, ଲିଫଲେଟ ଯୋଗେ ପୁରୁଷ ବନ୍ଧ୍ୟାକରଣ ବିଷୟରେ ଲୋକଙ୍କୁ ସଚେତନ କରିବ। ଏଥି ସହ ସ୍ୱାସ୍ଥ୍ୟକର୍ମୀଙ୍କ ତତ୍ତ୍ୱାବଧାନରେ ଆଶାକର୍ମୀ ଘରଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ନଭେମ୍ବର ୨୧ ରୁ ୨୭ ତାରିଖ ପର୍ଯ୍ୟନ୍ତ ସଚେତନତା ସପ୍ତାହ ଓ ୨୮ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ସେବା ସପ୍ତାହ ଅନୁଷ୍ଠିତ ହେବ। ପରିବାର ନିୟୋଜନ ତଥା ଜନ୍ମ ନିରୋଧ ପାଇଁ ପୁରୁଷ ବନ୍ଧ୍ୟାକରଣ ଏକ ସହଜ, ସଫଳ ଓ ସୁରକ୍ଷିତ ଉପାୟ ବୋଲି ଡ.ଟପ୍ପୋ ପ୍ରକାଶ କରିଛନ୍ତି। ହିତାଧିକାରୀଙ୍କୁ ୨ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳୁଥିବା ବେଳେ ଏହି ବନ୍ଧ୍ୟାକରଣରେ ଜଟିଳ ପାର୍ଶ୍ୱ ପ୍ରତିକ୍ରିୟା ନଥିବା କୁହାଯାଇଛି। ବିପିଏମ ନୂତନ ସିଂହ, ସୁପରଭାଇଜର ମକର ଜାନି, ରାଧିକା ସୋରେନ, ସୀମାଞ୍ଚଳ ପରିଡ଼ା, ଜଗନ୍ନାଥ ବିଶ୍ୱାସରାୟ,ଜିତେନ୍ଦ୍ର ବାହାଦୂର ଓ ପ୍ରମିଳା ବିଡିକା, ସିଏଚଓ ଅବିନାଶ ଦାସ ଓ ଏଏଚ୍‌ପି ବ୍ଲକ ସୁପରଭାଇଜର ଅରବିନ୍ଦ ଷଡ଼ଙ୍ଗୀ ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

## ଜାତୀୟସ୍ତରୀୟ ପୋଷ୍ଟର ଡିଜାଇନିଂ ପ୍ରତିଯୋଗିତା ୪ର୍ଥ ସ୍ଥାନରେ ଓଡ଼ିଶାର ଭୁବନାନନ୍ଦ

ସୁନାବେଡା,୨୫।୧୧(କୃତ୍ତିବାସ ପ୍ରଧାନ)



ଭାରତୀୟ ବିମାନିକ ସମିତି (ଏରୋନଟିକାଲ ସୋସାଇଟି ଅଫ ଇଣ୍ଡିଆ) ତରଫରୁ ଅକ୍ଟୋବର ୨୨ ତାରିଖରେ ଅନଲାଇନ୍ ମାଧ୍ୟମରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗୀତାରେ ଭୁବନାନନ୍ଦ ମାଝି କୃତିତ୍ୱ ଅର୍ଜନ କରିଛନ୍ତି। ୨୦୪୭ରେ ଭାରତୀୟ ଯୁଦ୍ଧ ବିମାନ କିପରି ଦେଖାଯିବ ଏହାକୁ ନେଇ "ଆଭିଏସନ୍ ଆଣ୍ଡ ଏରୋସ୍ପେସ" ଶୀର୍ଷକ ବିଷୟ ବସ୍ତୁକୁ ନେଇ ଏକ ଜାତୀୟସ୍ତରରେ ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ସାରା ଭାରତରୁ ପ୍ରଥମ ପର୍ଯ୍ୟାୟରେ ୧୦ ଜଣ ପ୍ରତିଯୋଗୀ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ଓଡିଶାରୁ ଏକମାତ୍ର ଭୁବନାନନ୍ଦ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ପରେ ଦିଲ୍ଲୀ ସ୍ଥିତ ଯସଭୂମୀ କନଭର୍ଟ ସେଣ୍ଟରରେ ଚଳିତ ମାସ ୧୮ ଓ ୧୯ ଦୁଇଦିନ ଧରି ଆୟୋଜିତ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଠାରେ ଭୁବନାନନ୍ଦଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଗଦ ଅର୍ଥ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନାସାର ବହୁ ବୈଜ୍ଞାନିକ ଯୋଗ ଦେଇଥିଲେ। ଭୁବନାନନ୍ଦ ସୁନାବେଡ଼ା –୨ ହାଲ ସ୍ଥିତ ଏରୋନେଟିକ୍ସ ମହାବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର। ସୁନାବେଡା'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ' ସମ୍ପାଦକ ମନୋଜ କୁମାର ମୁଦୁଲିଙ୍କଠାରୁ ଚିତ୍ରାଙ୍କନ ପ୍ରଶିକ୍ଷଣ କରନ୍ତି। ତାଙ୍କ ମା' ଜଣେ ଗୃହିଣୀ ହୋଇଥିବା ବେଳେ ବାପା ଦିଲ୍ଲୀପ ମାଝି ସୁନାବେଡା ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଛନ୍ତି। ଭୁବନାନନ୍ଦ ପୂର୍ବରୁ ଚିତ୍ର ଆଙ୍କି ଅନେକ ଜାତୀୟ ପୁରସ୍କାର ପାଇଥିବା ତାଙ୍କ ବାପା କହିଛନ୍ତି। ଏହି ଖବର ପ୍ରଚାର ହେବା ପରେ ଭୁବନାନନ୍ଦଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ନାବାଳିକାଙ୍କୁ ଅପହରଣକରି ବଳାତ୍କାର

ଜୟପୁର, ୨୫।୧୧(ପବନ ପାଣିଗ୍ରାହୀ)

ନାବାଳିକାକୁ ଅପହରଣ କରି ବଳାତ୍କାର ଅଭିଯୋଗରେ ଜୟପୁର ସଦର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନ ବାଲିମେଳା ଡ୍ରାଇଭର ଲାଇନର ସୁରେଶ ଖରା (୨୧)। ପୋଲିସ ସୂଚନାନୁଯାୟୀ ସୁରେଶ ଜଣେ ନାବାଳିକାକୁ ପ୍ରେମକରି ବିବାହର ପ୍ରତିଶ୍ରୁତି ଦେଇଥିଲେ। ସେ ନାବାଳିକାଙ୍କୁ ଅପହରଣ କରି ତାଙ୍କ ସହ ଶାରିରିକ ସମ୍ପର୍କ ରଖିଥିଲେ। ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଘରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାକୁ ଡାକ୍ତରୀ ମାଇନା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ବଳରାମ ମିଶ୍ରଙ୍କ ନିଧନରେ ଶୋକ

ଜୟପୁର,୨୫।୧୧(ପବନ ପାଣିଗ୍ରାହୀ)

ଜୟପୁର ସହର ପୁରୁଣାଗଡ଼ର ବରିଷ୍ଠ ନାଗରିକ ବଳରାମ ମିଶ୍ରଙ୍କ ୮୬ ବର୍ଷ ବୟସରେ ପକ୍ଷାଘାତ ଜନିତ ରୋଗରେ ନିଧନ ହୋଇଥିବାରୁ ସହରରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ପରୋପକାରୀ ମିଷ୍ଟ ଭାଷୀ ବ୍ୟକ୍ତି ଥିଲେ। ୨୦୨୦ରେ ଜୟପୁର ସିଟିଜେନ କମିଟି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଜଣେ ବୈଦିକ ପୂଜା ବିଧାନର ସାଧକ ହେବା ସହ ମନ୍ତ୍ର ଦ୍ୱାରା ବିଭିନ୍ନ ରୋଗର ଉପଶମ କରି ପାରୁଥିବାରୁ ସେ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ଥିଲେ। ବଳରାମ ମିଶ୍ରଙ୍କ ନିଧନରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଭାଜପା ବିଧାୟକ ପ୍ରାର୍ଥୀ ଗୌତମ ସାନ୍ତ୍ରା, ଭାଜପା ନେତା ହିମାଂଶୁ ମହାପାତ୍ର, ବିଜେଡି ନେତ୍ରୀ ଡ଼. ଇନ୍ଦିରା ନନ୍ଦ, ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ଶଙ୍କର ସାହ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

## ୨୧ ଶିଶୁ ଶ୍ରମିକ ଉଦ୍ଧାର

**୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ**

ସେମିଳିଗୁଡ଼ା/ ସୁନାବେଡ଼ା, ୨୫।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡା ଥାନା ପୋଲିସ ୧୭ ନାବାଳିକା ଓ ୪ ନାବାଳକଙ୍କୁ ଉଦ୍ଧାର କରିଛି। ଶିଶୁ ଶ୍ରମିକ ଚାଲାଣ ଅଭିଯୋଗରେ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ସେମିଳିଗୁଡ଼ା ଥାନାରେ ଏକ ଖବରଦାତା ସମ୍ମିଳନୀ କରି ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ କୁଚିପୁଡି ଥାନା ଅଧୀନ ଚିନାମୁଥେଭି ଗାଁର ଏସ୍. ଭାସ୍କର ରାଓଙ୍କ ପୁଅ ସୁନକର ଆୟାପା ସ୍ୱାମୀ(୪୨), ଏସ୍. ଭେଙ୍କେଟଶ୍ୱର ରାଓଙ୍କ ପୁଅ ଡି.ନାଗଭର ପ୍ରସାଦ (୪୨) ଓ ଏସ୍. ଭେଙ୍କେଟ୍ ରାଓଙ୍କ ପୁଅ ସିଙ୍ଗା ଭାରପୁ ଆଞ୍ଜନେଲ୍ୟୁ (୨୮)।

ପିଲାମାନଙ୍କୁ କାମ କରିବାକୁ ନିଆଯାଉଥିବା ନେଇ ଶୁକ୍ରବାର ସେମିଳିଗୁଡ଼ା ଥାନାଧିକାରୀ ଖବରପାଇ ସ୍ଥାନୀୟ ନାଲକୋ ଛକ ନିକଟରେ ଅପେକ୍ଷା କରିଥିଲେ। ୨୧ ଜଣ ନାବାଳକ ଓ ନାବାଳିକାଙ୍କ ସହ ୩ ଚାଲାଣକାରୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲେ। ସମସ୍ତ ପିଲାଙ୍କୁ ଆନ୍ଧ୍ରପ୍ରଦେଶ କ୍ରୀଷ୍ଣା ଜିଲାକୁ ଧାନ କାଟିବା କାମରେ ନିୟୋଜିତ କରିବାକୁ ନିଆଯାଉଥିବା ପୋଲିସ ଜାଣିଥିଲା। ଏନେଇ ସେମିଳିଗୁଡା ଥାନାରେ କେସ୍ ନଂ ୧୬୩/୨୩ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୩ ମୋବାଇଲ୍ ସହ ୪୪, ୦୨୦ ଟଙ୍କା ଜବତ କରାଯାଇଛି। ଏସ୍‌ଆଇ ବାବାଜି ଚରଣ କୁଅଁର ଘଟଣାର ତଦନ୍ତ କରୁଛନ୍ତି। ଖବରଦାତା ସମ୍ମିଳନୀରେ ସେମିଳିଗୁଡା ଥାନାଧିକାରୀ ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।


ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।

## ଶହୀଦ ସୁନୀଲ ବେହେରା ସ୍ମାରକି ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ


ଟୁର୍ନାମେଣ୍ଟରେ ମ୍ୟାଚ ଖେଳାଯାଉଛି।

ବୈପାରୀଗୁଡ଼ା, ୨୫।୧୧ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ାସ୍ଥିତ ବିଏସ୍‌ଏଫ୍ ୧୮୦ ବାଟେଲିୟନ ପକ୍ଷରୁ ସୁନିଲ୍ ବେହାରା ସ୍ମାରକି ଭଲିବଲ ଟୁର୍ନାମେଣ୍ଟ ଶନିବାର ଆୟୋଜନ କରାଯାଇଛି। କମାଣ୍ଡାଣ୍ଟ ସଞ୍ଜୟ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବ୍ଲକରୁ ୧୬ ଟିମ୍ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ୮ ଟିମ୍ ଖେଳିଥିଲେ। ୯ ତାରିଖରେ ସେମି ଫାଇନାଲ୍ ଓ ୧ ତାରିଖରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ। ଏଠାରେସୂଚନାଯୋଗ୍ୟଯେ ଓଡିଆ ବିଏସ୍‌ଏଫ୍ ଅଫିସର ସୁନିଲ୍ ବେହେରା ଦଣ୍ଡାବାଡି ନିକଟରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣରେ ଶହୀଦ ହୋଇଥିଲେ।

## ୧୦୮ ରୋଗୀବୁହା ଯାନ ଲୋକାର୍ପଣ

ନନ୍ଦପୁର, ୨୫।୧୧(ଶଙ୍କର ପୂଜାରୀ)

ରାଜ୍ୟ ସରକାରଙ୍କ ସଦ୍ୟ ପ୍ରଦତ୍ତ ୩୦୦ରୁ ଊର୍ଦ୍ଧ୍ୱ ନୂଆ ୧୦୮ ରୋଗୀ ବୁହାଯାନ ମଧ୍ୟରୁ ଗୋଟିଏ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଛି। ଯାହାକୁ ନନ୍ଦପୁର ବ୍ଲକ ଜିଲା ପରିଷଦ ଜୋନ୍ ୨ ପାଇଁ ଶନିବାର ଲୋକାର୍ପଣ କରାଯାଇଛି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦୁବରାଜ ମୁର୍ମୁ ରୋଗୀ ବୁହା ଯାନକୁ ଲୋକାର୍ପଣ କରିଥିଲେ। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତରେ ଥିବା ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଥାଏ। ତେଣୁ ନୂତନ ୧୦୮ ରୋଗୀ ବୁହା ଯାନ ସୀମାବର୍ତ୍ତୀ ଓ ଦୁର୍ଗମ ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବ ବୋଲି ମୁର୍ମୁ କହିଛନ୍ତି।



## ଭାରରେ ଆଣିବାବେଳେ ଅଧା ବାଟରେ ପ୍ରସବ

**■ ଦଶମନ୍ତପୁରରେ ପୁଣି ଜନନୀ ଯନ୍ତ୍ରଣା**

**■ ରାସ୍ତା ନିର୍ମାଣ ନ ହେଲେ ଭୋଟ ବର୍ଜନ ଚେତାବନୀ**

ଦଶମନ୍ତପୁର,୨୫।୧୧ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଅଧିନରେ ଥିବା ଲୋରେଶ ଗ୍ରାମରେ ଶନିବାର ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ଗୁପ୍ତ ସାଉଁନ୍ତାଙ୍କ ସ୍ତ୍ରୀ ଦୀପ ସାଉଁନ୍ତାଙ୍କ ଶୁକ୍ରବାର ରାତିରେ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ପାଇଁ ଫୋନ କରିଥିଲେ। ହେଲେ ଦଶମନ୍ତପୁର ଗାଁର ଚତୁଃପାର୍ଶ୍ୱରେ ବିରିମାଳି ଓ ପତ୍ରିମାଳି ପାହାଡ଼ ଘେରି ଗାଁକୁ ପକ୍କା ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଫଳରେ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଶନିବାର ସକାଳେ ଖଟିଆ କରି ଗର୍ଭବତୀଙ୍କୁ ନେବାବେଳେ ଅଧାବାଟରେ ସେ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ସେଠାରେ ବହୁ ସମୟ ବିଶ୍ରାମ ନେବା ପରେ ମା' ଓ ନବଜାତକକୁ ଖଟିଆରେ ବୋହି ମରିଚଗୁଡ଼ା ଗାଁ ଦେଇ ୩ ଫୁଟ ଜଳରେ ପ୍ରବାହିତ ହେଉଥିବା ଅନ୍ଧାରୀ ନଦୀ ପାର କରାଇଥିଲେ। ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ନଦୀ ଆରପାରିରୁ ଆଣି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ଲୋରେଶ ଗ୍ରାମରୁ ମରିଚଗୁଡ଼ା ଛକ ପ୍ରାୟ ୪ କିମି ଦୂର ପାହାଡିଆ ରାସ୍ତାର ଅବସ୍ଥା ଶୋଚନୀୟ। ପାହାଡ଼ିଆ ଜଙ୍ଗଲ ରାସ୍ତା ଭୟରେ ଦୀପ ସାଉଁନ୍ତାଙ୍କୁ ରାତିରେ ଚିକିତ୍ସାଳୟକୁ ଆଣି ପାରି ନ ଥିଲେ। ଶନିବାର ସକାଳୁ ସ୍ଥାନୀୟ ସରପଞ୍ଚ ନବୀନ ମୁଦୁଲିଙ୍କ ସହଯୋଗରେ ଗାଁର ସେମନ କୁଳିଶିକା ଓ ରଞ୍ଜନ ମିଣିଆକା ଗର୍ଭବତୀଙ୍କୁ ଖଟିଆରେ ବୋହି କୁସୁମ ଘାଟି ଦେଇ ଆସୁଥିଲେ। ଗାଁଠାରୁ ପ୍ରାୟ ୨ କିମି ଦୂର ସକାଳ ପ୍ରାୟ ୯ଟା ୨୫ରେ ବିରିଆମ୍ବ ଝୋଲା ଜଙ୍ଗଲ ତଳେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ସେଠାରୁ ମା' ଓ ନବଜାତ ଶିଶୁଙ୍କୁ ନଦୀ ପାର କରି ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା।

ମରିଚଗୁଡ଼ା ଗାଁ ଛକଠାରୁ ଲୋରେସ ଗ୍ରାମକୁ ସଂଯୋଗ କରୁଥିବା ୪ କିମି ଦୂର ଯାଏ ରାସ୍ତା ନ ଥିବାରୁ ଦୀର୍ଘ ୧ ବର୍ଷ ପୂର୍ବେ ସଂପୃକ୍ତ ଗ୍ରାମର କାଳିଆ ଜାନୀଙ୍କ ସ୍ତ୍ରୀ ଚବି ମଧ୍ୟ କସୁମ ଡଙ୍ଗର ତଳେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଲୋରେସ ଗ୍ରାମରେ ୩୬ ପରିବାର ବସବାସ କରୁଥିବା ବେଳେ ଗାଁକୁ ରାସ୍ତା ନ ଥିବାରୁ ସେମାନେ ବହୁ ହଇରାଣ ହେଉଥିବା ସାଧବ ମିଣିଆକା, କସାଇ ସାଉନ୍ତା, ଧନୁର୍ଜୟ କମାର, ଇସୁଦା ସାଉଁନ୍ତା, ପ୍ରତାପ ସାଉଁନ୍ତା ପ୍ରମୁଖ କହିଛନ୍ତି। ରାସ୍ତା ନିର୍ମାଣ ନେଇ ଅନେକ ଥର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳ ଏବଂ ଜନ ପ୍ରତିନିଧିଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏଭଳି ରୋଗୀ ଏବଂ ଗର୍ଭବତୀଙ୍କୁ ଖଟିଆରେ ବୋହି ଆଣିବା ସମୟରେ କାହାର ମୃତ୍ୟୁ ଘଟିବା ପରେ ହିଁ ପ୍ରଶାସନର କଣ ଆଖି ଖୋଲିବ କି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ଧାରୀ ନଦୀରେ ପୋଲ ଏବଂ ମରିଚଗୁଡ଼ା ଗାଁ ଛକଠାରୁ ପ୍ରାୟ ୪ କିମି ଦୂର ନୂତନ ରାସ୍ତା ନିର୍ମାଣ କରା ନ ଗଲେ ଆମେ ପୁଣି ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଗର୍ଭବତୀଙ୍କୁ ଖଟିଆରେ ବୋହି ମେଡ଼ିକାଲ ନିଆଯାଉଛି।

